ପି. ସିଦ୍ଧଲିଙ୍ଗପ୍ପା

ବନାମ

କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 20,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*କର୍ଣ୍ଣାଟକ ପୌର ନିଗମ ଅଧିନିୟମ 1976/କର୍ଣ୍ଣାଟକ ପୌର ନିଗମ ନିୟମାବଳୀ, 1977:*

*ଧାରାଗୁଡ଼ିକ 82, 84/ନିୟମ 26-ବାଙ୍ଗାଲୋର ନଗର ନିଗମ -ପଦୋନ୍ନତି-ରାଜସ୍ୱ ଅଧିକାରୀ ରୁ ଉପ ଆୟୁକ୍ତ -ନିଯୁକ୍ତି ଆଦେଶ-ଦର୍ଶାଯାଇଛି:ଉପ ଆୟୁକ୍ତ ପଦବୀକୁ ପଦୋନ୍ନତି -ନିଯୁକ୍ତି କ୍ଷମତା ଆୟୁକ୍ତ ପାଖରେ ରହିଥାଏ, ସରକାରଙ୍କ ପାଖରେ ନୁହେଁ ।*

ଦେୱାନୀ ଅପିଲ ଅଧିକରିତା:ଦେୱାନୀ ଅପିଲ ସଂଖ୍ୟା 12872/1996 ।

ଡବ୍ଲ୍ୟୁ. ଏ. ସଂଖ୍ୟା 1265/1993 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ସଂଖ୍ୟା ତା23.1.96ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ରାମା ଜୋଏସ୍ ଏବଂ ଏସ୍. ଏନ୍. ଭଟ୍ଟ ।

ଉତ୍ତରଦାତାମାନଙ୍କ ପାଇଁ ବିଜୟ ଶଙ୍କର, କେ. ଆର. ନାଗରାଜ ଏବଂ କିଶନ ତ୍ୟାଗୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶଗୁଡ଼ିକ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତା ଶୁଣିଛୁ । ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, କର୍ଣ୍ଣାଟକ ପୌର ନିଗମ ନିୟମାବଳୀ କର୍ଣ୍ଣାଟକ ପୌର ନିଗମ ଅଧିନିୟମ, 1976 ଅନୁଯାୟୀ ପ୍ରସ୍ତୁତ କରାଯାଇଥିଲା । ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ବିଭିନ୍ନ ପଦବୀ ସମ୍ବନ୍ଧରେ ନିଯୁକ୍ତି କର୍ତ୍ତୃପକ୍ଷ ଅଧିନିୟମର ଧାରା 82 ଏବଂ 84 ଦ୍ୱାରା ନିୟନ୍ତ୍ରିତ ଅଟେ ।  ଧାରା 82 ନିମ୍ନମତେ ବର୍ଣ୍ଣିତ:

"82. ଯନ୍ତ୍ରୀ, ସ୍ୱାସ୍ଥ୍ୟ ଅଧିକାରୀ ଇତ୍ୟାଦିଙ୍କ ନିଯୁକ୍ତି ।-( 1) ସରକାର ପ୍ରତ୍ୟେକ ନିଗମ ପାଇଁ ରାଜ୍ୟ ବେସାମରିକ ସେବାର, ଏପରି ଅଧିକାରୀମାନଙ୍କୁ ନିଯୁକ୍ତ କରିବେ, ଯେଉଁମାନଙ୍କୁ ସେ ନିଗମର ଦକ୍ଷ କାର୍ଯ୍ୟକାରିତା ପାଇଁ ଯନ୍ତ୍ରୀ, ସ୍ୱାସ୍ଥ୍ୟ ଅଧିକାରୀ, ରାଜସ୍ୱ ଅଧିକାରୀ, ମୁଖ୍ୟ ହିସାବ ଅଧିକାରୀ ଏବଂ ପରିଷଦ ସଚିବ ଭାବରେ ଉପଯୁକ୍ତ ବୋଲି ବିବେଚନା କରିବେ ଏବଂ ଏହିପରି ଅଧିକାରୀମାନେ ଆୟୁକ୍ତଙ୍କ  ଅଧସ୍ତନ ରହିବେ । ସରକାର ଜଣେ କିମ୍ବା ଅଧିକ ଉପ ଆୟୁକ୍ତ ଏବଂ ସହକାରୀ ଆୟୁକ୍ତଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ, ଯେଉଁମାନେ ନିୟମାବଳୀରେ ନିର୍ଦ୍ଦିଷ୍ଟ ହୋଇଥିବା ଭଳି କ୍ଷମତା ପ୍ରୟୋଗ ଏବଂ କାର୍ଯ୍ୟ ସମ୍ପାଦନ କରିପାରିବେ । ସେମାନେ ଆୟୁକ୍ତଙ୍କ ଅଧସ୍ତନ  ରହିବେ ।

(2) ସରକାର, ମେୟରଙ୍କ ସହ ପରାମର୍ଶ କରି, ପରିଷଦର ସଚିବ ଭାବେ ଅତି କମରେ ସହକାରୀ ଆୟୁକ୍ତ ପାହ୍ୟାର ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିପାରିବେ । ନିଯୁକ୍ତ ଅଧିକାରୀ ସାଧାରଣତଃ ତିନି ବର୍ଷ ପାଇଁ ପ୍ରତିନିଯୁକ୍ତି ଭିତ୍ତିରେ ରହିବେ ଏବଂ ଯଦି ନିଗମ ଏହାର ସଦସ୍ୟମାନଙ୍କ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଦ୍ୱାରା ଇଚ୍ଛା କରନ୍ତି, ତେବେ ତାଙ୍କୁ ପୂର୍ବରୁ ପ୍ରତ୍ୟାହାର କରାଯିବ ଏବଂ ଅନ୍ୟ ଜଣେ ବ୍ୟକ୍ତି ନିଯୁକ୍ତ ହେବେ । ନିଗମ ଏବଂ ସ୍ଥାୟୀ କମିଟିଗୁଡ଼ିକର ପ୍ରତ୍ୟେକ ବୈଠକରେ ଯୋଗଦେବା ପରିଷଦ ସଚିବଙ୍କ କର୍ତ୍ତବ୍ୟ ହେବ ଏବଂ ସେ ଏହି ଅଧିନିୟମ ଅଧୀନରେ କିମ୍ବା  ତାଙ୍କ ଉପରେ ଲାଗୁ ହୋଇଥିବା କର୍ତ୍ତବ୍ୟ ଦ୍ୱାରା ଅନ୍ୟାନ୍ୟ କର୍ତ୍ତବ୍ୟ ପାଳନ କରିବେ ।

(3) ଉପଧାରା (1) ଅନୁଯାୟୀ ନିଯୁକ୍ତ ଅଧିକାରୀମାନେ ନିଗମର ପୂର୍ଣ୍ଣକାଳୀନ ଅଧିକାରୀ ହେବେ ଏବଂ ସେମାନଙ୍କ କାର୍ଯ୍ୟାଳୟ ସହିତ ଅସମ୍ପର୍କିତ କୌଣସି କାର୍ଯ୍ୟ କରିବେ ନାହିଁ ।

(4) ଉପ-ଧାରା(1) ଏବଂ (2) ଅନୁଯାୟୀ ନିଯୁକ୍ତ ହୋଇଥିବା ସରକାରଙ୍କ ପ୍ରତ୍ୟେକ ଅଧିକାରୀଙ୍କୁ ନିଗମ ଦ୍ୱାରା ସମୟ ସମୟକୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରମା ପ୍ରଦାନ କରାଯିବ, ଯାହା ନିଗମ ପାଣ୍ଠିରୁ ପୂରଣ କରାଯିବ ଏବଂ ସେ ଯେଉଁ ସରକାରୀ ସେବାରେ ଅଛନ୍ତି, ସେଥିପାଇଁ ଏବଂ ବର୍ତ୍ତମାନ ବଳବତ୍ତର ଥିବା ସରକାରୀ ସେବା ପାଇଁ ପ୍ରଯୁଜ୍ୟ ନିୟମ ଏବଂ ନିବନ୍ଧନ ଅନୁଯାୟୀ ଛୁଟି ଏବଂ ଅନ୍ୟାନ୍ୟ ସୁବିଧା ପାଇବାକୁ ସେ ହକଦାର ହେବେ ଏବଂ ନିଗମ ତାଙ୍କ ଛୁଟି ଭତ୍ତା, ପେନସନ ଏବଂ ଭବିଷ୍ୟନିଧି ପାଣ୍ଠି ପାଇଁ ଏପରି ଯୋଗଦାନ କରିବ ଯାହା ତାଙ୍କ ଦ୍ୱାରା କିମ୍ବା ତାଙ୍କ ତରଫରୁ ସେହି ନିୟମ ଏବଂ ନିବନ୍ଧନ ଅନୁଯାୟୀ ଦେୟ ହୋଇପାରେ ।

ଧାରା 84 ନିମ୍ନମତେ ବର୍ଣ୍ଣିତ:

*"84. ନିଗମ ପ୍ରତିଷ୍ଠାନରେ ଅନ୍ୟାନ୍ୟ ପଦବୀଗୁଡ଼ିକରେ ନିଯୁକ୍ତି ।-( 1)* ଧାରା 82 ରେ ସୂଚିତ *କର୍ଣ୍ଣାଟକ ପୌର ପ୍ରଶାସନିକ ସେବା* ବର୍ଗରେ ବହନ କରାଯାଇଥିବା ପଦବୀ ବ୍ୟତୀତ ନିଗମ ପ୍ରତିଷ୍ଠାନରେ ଅନ୍ୟ ପଦବୀରେ ଧାରା 85 ଏବଂ 86 ର ବ୍ୟବସ୍ଥା ଅନୁଯାୟୀ ନିଯୁକ୍ତି ଆୟୁକ୍ତଙ୍କ ଦ୍ୱାରା ଏହି ଅଧିନିୟମ, ନିୟମ ଏବଂ ନିବନ୍ଧନ ଅନୁଯାୟୀ କରାଯିବ ।

କର୍ଣ୍ଣାଟକ ପୌର ନିଗମ ନିୟମ, 1977 ର ନିୟମ 26 (ସଂକ୍ଷେପରେ, 'ନିୟମ'), ନିଯୁକ୍ତିର ପଦ୍ଧତି ଏବଂ ନିଯୁକ୍ତିର ଉତ୍ସ ନିମ୍ନମତେ ପରିକଳ୍ପିତ:

| " କ୍ର. ସଂଖ୍ୟା | ପଦବୀଗୁଡ଼ିକ | ଅଧିକାରୀ ନିଯୁକ୍ତିର ପଦ୍ଧତି | ପଦବୀ ସଂଖ୍ୟା . |
|---|---|---|---|
| 1. | ............ | | |
| 2. | ଉପ ଆୟୁକ୍ତ | ଆଇ.ଏ.ଏସ୍. ବର୍ଗରୁ ଜଣେ ଅଧିକାରୀଙ୍କ ପ୍ରତିନିଯୁକ୍ତି ଦ୍ୱାରା<br>କେ. ଏ. ଏସ୍. (ବରିଷ୍ଠ ଶ୍ରେଣୀ)ବର୍ଗରୁ କେ. ଏ. ଏସ୍. ବର୍ଗରେ ଜଣେ ଅଧିକାରୀ (ବରିଷ୍ଠ ଶ୍ରେଣୀ) ଙ୍କ ପ୍ରତିନିଯୁକ୍ତି ଦ୍ୱାରା<br>ବାଙ୍ଗାଲୋର ନଗର ନିଗମର ରାଜସ୍ୱ ଅଧିକାରୀଙ୍କ ବର୍ଗରୁ ପଦୋନ୍ନତି ଦ୍ୱାରା । | 1<br>........." |

ଧାରା 82 (1) ଏବଂ (4) ର ମିଳିତ ପଠନ ଦ୍ୱାରା ଏହା ସୂଚିତ ହୁଏ ଯେ, ସରକାର ପ୍ରତ୍ୟେକ ନିଗମରେ ରାଜ୍ୟ ବେସାମରିକ ସେବାର ଏପରି ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ପାଇଁ କ୍ଷମତାପ୍ରାପ୍ତ, ଯେଉଁମାନେ ଯନ୍ତ୍ରୀ, ସ୍ୱାସ୍ଥ୍ୟ ଅଧିକାରୀ, ରାଜସ୍ୱ ଅଧିକାରୀ, ମୁଖ୍ୟ ହିସାବ ଅଧିକାରୀ ଏବଂ ପରିଷଦ ସଚିବ ହେବା ପାଇଁ ଉପଯୁକ୍ତ ବୋଲି ବିବେଚିତ ହେବେ । ସରକାର ଜଣେ କିମ୍ବା ଅଧିକ ଉପ ଆୟୁକ୍ତ ଏବଂ

ସହକାରୀ ଆୟୁକ୍ତଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ ଯେଉଁମାନେ ନିୟମରେ ନିର୍ଦ୍ଦିଷ୍ଟ ହୋଇଥିବା କ୍ଷମତାର ପ୍ରୟୋଗ କରିବେ ଏବଂ କାର୍ଯ୍ୟ ନିର୍ବାହ କରିବେ । ଉପ-ଧାରା (4) ଦର୍ଶାଏ ଯେ, ଉପ-ଧାରା (1) ଏବଂ (2) ଅନୁଯାୟୀ ନିଯୁକ୍ତ ସରକାରଙ୍କ ପ୍ରତ୍ୟେକ ଅଧିକାରୀଙ୍କୁ ନିଗମ ଦ୍ୱାରା ସରକାର ସମୟ ସମୟକୁ ସ୍ଥିର କରିଥିବା ଦରମା ପ୍ରଦାନ କରିବେ ଯାହା ନିଗମ ପାଣ୍ଠିରୁ ପୂରଣ କରାଯିବ ଏବଂ ସେଥିରେ ଉଲ୍ଲିଖିତ ସମସ୍ତ ସେବା ସୁବିଧା ପାଇବା ପାଇଁ ହକଦାର ହେବେ । ଧାରା 84, ଯେପରି ପୂର୍ବରୁ କୁହାଯାଇଛି, ଧାରା 85 ଏବଂ 86 ର ସାପେକ୍ଷ ଅଟେ ଏବଂ ଏହା ମଧ୍ୟ କୁହେ ଯେ, କର୍ଣ୍ଣାଟକ ପୌର ପ୍ରଶାସନିକ ସେବା ବର୍ଗ ଏବଂ ଧାରା 82 ରେ ସୂଚିତ ପଦବୀ ବ୍ୟତୀତ ଅନ୍ୟ ପଦବୀରେ ନିଯୁକ୍ତି ଆୟୁକ୍ତଙ୍କ ଦ୍ୱାରା ସେଥିରେ ପ୍ରସ୍ତୁତ ଅଧିନିୟମ, ନିୟମାବଳୀ ଏବଂ ବିନିୟମନ ଅନୁଯାୟୀ କରାଯିବ । ତେଣୁ ଏହା ପରିଲକ୍ଷିତ ହୁଏ ଯେ, ରାଜ୍ୟ ସରକାରଙ୍କ ଏପରି ଅଧିକାରୀମାନେ, ଯେଉଁମାନେ ରାଜ୍ୟ ଦ୍ୱାରା ନିଯୁକ୍ତ ହୋଇଥାନ୍ତି, ଆୟୁକ୍ତ ନିୟନ୍ତ୍ରଣରେ କାର୍ଯ୍ୟ କରିବେ । ଏଥିସହିତ, ଧାରା 82 ଅନୁଯାୟୀ ଆୟୁକ୍ତଙ୍କର, ସେଥିରେ ପ୍ରସ୍ତୁତ ଅଧିନିୟମର ପ୍ରକ୍ରିୟା, ନିୟମ ଏବଂ ନିବନ୍ଧନ ଅନୁଯାୟୀ ପଦୋନ୍ନତି ଦ୍ୱାରା ଉପଆୟୁକ୍ତ କିମ୍ବା ସହକାରୀ ଆୟୁକ୍ତ ନିଯୁକ୍ତ କରିବାର କ୍ଷମତା ମଧ୍ୟ ରହିଛି । ନିୟମ 26 ର ଅନୁସୂଚୀରେ ଖଣ୍ଡ (2) ରେ ପରିକଳ୍ପନା କରାଯାଇଛି ଯେ, ଉପ ଆୟୁକ୍ତମାନେ ଆଇଏଏସ୍ ବର୍ଗରୁ ଜଣେ ଅଧିକାରୀଙ୍କ ପ୍ରତିନିଯୁକ୍ତି ଦ୍ୱାରା ଏବଂ କେ. ଏ. ଏସ୍. (ବରିଷ୍ଠ ଶ୍ରେଣୀ)ବର୍ଗରୁ କେ. ଏ. ଏସ୍. (ବରିଷ୍ଠ ଶ୍ରେଣୀ) ବର୍ଗରେ ଜଣେ ଅଧିକାରୀଙ୍କ ପ୍ରତିନିଯୁକ୍ତି ଦ୍ୱାରା ସରକାରଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି; ବାଙ୍ଗାଲୋର ନଗର ନିଗମର ରାଜସ୍ୱ ଅଧିକାରୀଙ୍କ ବର୍ଗ ବି ରୁ ପଦୋନ୍ନତି ଦ୍ୱାରା ଉପ ଆୟୁକ୍ତ ହୁଅନ୍ତି । ଅନ୍ୟ ଅର୍ଥରେ, ଧାରା 82 ର ଉପଧାରା (1) ଅନୁଯାୟୀ, ସରକାର ଜଣେ କିମ୍ବା ଅଧିକ ଉପ ଆୟୁକ୍ତଙ୍କୁ ମଧ୍ୟ ନିଯୁକ୍ତ କରିପାରିବେ ଯେଉଁମାନେ ଆଇଏଏସ୍ ଅଧିକାରୀ କିମ୍ବା ବରିଷ୍ଠ ଶ୍ରେଣୀ ଅଧିକାରୀ, କର୍ଣ୍ଣାଟକ ପ୍ରଶାସନିକ ସେବା ବର୍ଗ ଅଧିକାରୀ ଅଟନ୍ତି । କିନ୍ତୁ, ଧାରା 84 ର ଉପଧାରା (1)Cରେ କାର୍ଯ୍ୟକାରିତା ଦ୍ୱାରା ବାଙ୍ଗାଲୋର ନଗର ନିଗମର ରାଜସ୍ୱ ଅଧିକାରୀଙ୍କ ବର୍ଗରୁ ପଦୋନ୍ନତି ପାଇଥିବା ଉପ ଆୟୁକ୍ତଙ୍କ ସମ୍ବନ୍ଧରେ, ଆୟୁକ୍ତ ହିଁ, ଅଧିନିୟମ, ନିୟମ ଏବଂ ନିୟମାବଳୀ ଅନୁଯାୟୀ ଏହିପରି ପଦବୀରେ ନିଯୁକ୍ତି କରିବାକୁ କ୍ଷମତାପ୍ରାପ୍ତ ଅଟନ୍ତି । ଫଳସ୍ୱରୂପ, ବାଙ୍ଗାଲୋର ନଗର ନିଗମର ରାଜସ୍ୱ ଅଧିକାରୀମାନଙ୍କ ଠାରୁ ପଦୋନ୍ନତି ପାଇଥିବା ଉପ ଆୟୁକ୍ତମାନଙ୍କୁ, ଆୟୁକ୍ତଙ୍କ ଦ୍ୱାରା ନିଯୁକ୍ତ କରାଯିବା ଆବଶ୍ୟକ ଏବଂ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ସରକାରଙ୍କର କୌଣସି କ୍ଷମତା ନାହିଁ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ରିଟ୍ ଅପିଲ ସଂଖ୍ୟା 1265/1993ରେ 23 ଜାନୁଆରୀ, 1996 ରେ  କରାଯାଇଥିବା ଖଣ୍ଡପୀଠର ରାୟ ଏବଂ ଆଦେଶକୁ ରଦ୍ଦ କରି ଦିଆଯାଉଛି ଏବଂ ବିଜ୍ଞ ଏକକ ବିଚାରପତିଙ୍କ ରାୟ ନିଶ୍ଚିତ କରାଯାଉଛି, କିନ୍ତୁ ଏହି ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଜି.ଏନ୍.  ଅପିଲ ଅନୁମୋଦିତ କରାଗଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

**ଶ୍ରୀ ଦୀପକ କୁମାର ସାହୁ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**